ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୮ ମେ , ୨୦୨୩, ରବିବାର

ମା' ଲକ୍ଷ୍ମୀଙ୍କ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ପାଇଁ ତତ୍ପରତା

ନୀଳଗିରି : ଏକ୍ସପ୍ରେସ୍ ନ୍ୟୁଜ୍

ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଦୀର୍ଘବର୍ଷର ଅପେକ୍ଷା ପରେ ତୃତୀୟ ଶ୍ରୀକ୍ଷେତ୍ର ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଜଗନ୍ନାଥ ମନ୍ଦିର ପରିସରରେ ମା' ଲକ୍ଷ୍ମୀଙ୍କ ନୂତନ ମନ୍ଦିର ନିର୍ମାଣ ଓ ବିଗ୍ରହ ପ୍ରତିଷ୍ଠା ହୋଇଛି । ଏଥିନିମନ୍ତେ ଗତ ଗୁରୁବାର ଦିନ ମା' ଲକ୍ଷ୍ମୀଙ୍କ ନୂତନ ବିଗ୍ରହକୁ ଅଣାଯାଇ ପୂଜାର୍ଚ୍ଚନା କରିବା ସହିତ ସହର ପରିକ୍ରମା କରି ଜଗନ୍ନାଥ ମନ୍ଦିରରେ ରଖାଯାଇଛି । ଦୀର୍ଘବର୍ଷ ଧରି ମା' ଲକ୍ଷ୍ମୀ ଶ୍ରୀଜଗନ୍ନାଥ ମନ୍ଦିର ମଧ୍ୟରେ ରହି ପୂଜା ପାଇ ଆସୁଛନ୍ତି । ତେଣୁ ମା' ଲକ୍ଷ୍ମୀଙ୍କ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଅଣ୍ଟା ଭିଡିଥିଲେ ନୀଳଗିରିର ଆବଳା ବୃଦ୍ଧବନିତା, ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ସ୍ୱେଚ୍ଛାସେବୀ

ସଂଗଠନ, ଧାର୍ମିକ ଅନୁଷ୍ଠାନଙ୍କ ସମେତ ସ୍ଥାନୀୟ ଅଞ୍ଚଳ ତଥା ଆଖପାଖ ଅଞ୍ଚଳର ବହୁ ଭକ୍ତ ଶ୍ରଦ୍ଧାଳୁମାନେ । ଏହି ମନ୍ଦିର ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ବହୁ ବଦାନ୍ୟବ୍ୟକ୍ତିଙ୍କ ସହିତ ନୀଳଗିରି ତଥା ଆଖପାଖ ଅଞ୍ଚଳର ବାସିନ୍ଦାମାନେ ଅଳ୍ପ ବହୁତ ନିଜ ସକ୍ଷମ ଅନୁସାରେ ମନ୍ଦିର ନିର୍ମାଣ ଓ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ମୁକ୍ତହସ୍ତରେ ପ୍ରଦାନ କରିଥିଲେ । ବିଶେଷ କରି ଏଭଳି ମହତକାର୍ଯ୍ୟରେ ନିଜର ବୟସକୁ ଖାତିର ନ କରି ବରିଷ୍ଠ ନାଗରିକ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟମାନଙ୍କ ମା' ଲକ୍ଷ୍ମୀଙ୍କ ପ୍ରତି ବେଶ ଅବଦାନ ରହିଥିବାର ଦେଖିବାକୁ ମିଳିଥିଲା । ମା' ଲକ୍ଷ୍ମୀଙ୍କ ନୂତନ ମନ୍ଦିର ନିର୍ମାଣରେ ନୀଳଗିରିର ଠାକୁର ମାହଲର ଆଜୀବନ ସଦସ୍ୟା ମନୋଜ ମଞ୍ଜରୀ ଦେବୀ, ବ୍ରାହ୍ମଣ ସେବାୟତ, ମନ୍ଦିର ପୂଜକ,ପୂର୍ବତନ ପୂର୍ତ୍ତ ବିଭାଗ ଅଧିକାରୀ, ଦେବୋତ୍ତର ବିଭାଗ, ନୀଳଗିରି ଜଗନ୍ନାଥ ମନ୍ଦିରକୁ ପରିଚାଳନା କରୁଥିବା ଠାକୁର ମହାଲର ଅଧିକାରୀ ଓ କର୍ମଚାରୀ , ବିଭିନ୍ନ ଦଳର ବରିଷ୍ଠ ନେତା, ବିଭିନ୍ନ ଧାର୍ମିକ ଅନୁଷ୍ଠାନର ସଦସ୍ୟ, ଭକ୍ତ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହିବା ସଙ୍ଗେ ସଙ୍ଗେ ଓ ସହଯୋଗ କରିଥିଲେ । ୨୮ ତାରିଖ ରବିବାର ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ରିତିନିତି ମଧ୍ୟରେ ମା' ଲକ୍ଷ୍ମୀଙ୍କ ନୂତନ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ତୃତୀୟ ଶ୍ରୀକ୍ଷେତ୍ର ବେଶ ଚଳଚଞ୍ଚଳ ହୋଇପଡିଛି । ମା' ଲକ୍ଷ୍ମୀଙ୍କ ଏହି ପବିତ୍ର ଉତ୍ସବରେ ଉପସ୍ଥିତ ରହିବା ସଙ୍ଗେ ସଙ୍ଗେ ସମସ୍ତଙ୍କର ସାହାଯ୍ୟ ଏବଂ ସହଯୋଗ କାମନା କରିଛନ୍ତି ମା ଲକ୍ଷ୍ମୀ ମନ୍ଦିର ନିର୍ମାଣ କମିଟି । ଏଥିସହିତ ଏହି ୪ଦିନ ମା ଲକ୍ଷ୍ମୀଙ୍କ ନୂତନ ମନ୍ଦିର ନିର୍ମାଣ ଓ ବିଗ୍ରହ ପ୍ରତିଷ୍ଠା ସମୟରେ ପୂଜାର୍ଚ୍ଚନା,ବିଭିନ୍ନ ଭଜନ କୀର୍ତ୍ତନ, ପ୍ରବଚନ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ନୀଳଗିରି ସହିତ ଆଖପାଖ ଅଞ୍ଚଳରେ ବାସ କରୁଥିବା ବାସିନ୍ଦାମାନେ ମା' ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା ସମୟରେ ସଂପୂର୍ଣ୍ଣ ନିରାମିଷ ଭୋଜନ କରିବା ପାଇଁ ନିବେଦନ କରାଯାଇଛି ।

ରାଜଧାନୀ ଚିକିତ୍ସାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର: ଏକ୍ସପ୍ରେସ୍ ନ୍ୟୁଜ୍

ଡାକ୍ତରୀ ଶିକ୍ଷା ଏବଂ ଅନୁସନ୍ଧାନର ସ୍ନାନକୋତ୍ତର ପ୍ରତିଷ୍ଠାନ ତଥା ରାଜଧାନୀ ଚିକିତ୍ସାଳୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଗୁରୁବାର ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମ୍ମିଳନୀ କକ୍ଷରେ ଗବେଷଣା ଓ ଆନ୍ତଃ ଶିକ୍ଷା ବିନିମୟ ଆଭିମୁଖ୍ୟ ନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଆଇକ୍ୟୁଏସ୍ ନିର୍ଦ୍ଦେଶକ ପ୍ରଫେସର ନିଗମାନନ୍ଦ ଦାସ ଓ କୁଳସଚିବ ଡ. ଅଭୟ କୁମାର ନାୟକଙ୍କ ସମେତ ପିଜିଆଇଏମ୍‌ଆର ନିର୍ଦ୍ଦେଶିକା ପ୍ରଫେସର ନିବେଦିତା ପାଣିଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିବା ଏହି ଚୁକ୍ତି ଅନୁଯାୟୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ଶିକ୍ଷା ଓ ଗବେଷଣା' ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଯାହା ଆନ୍ତଃ ବିଷୟକ ଅଧ୍ୟୟନ ଓ ଗବେଷଣାରେ ଛାତ୍ରଛାତ୍ରୀଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ । ଓଡ଼ିଶାରେ ଜନସ୍ୱାସ୍ଥ୍ୟ ଏବଂ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଉଥିବା ଦୁଇଟି ଅଗ୍ରଣୀ ଅନୁଷ୍ଠାନ ଏକାଠି ଆଗକୁ ବଢ଼ିବା ପ୍ରଶଂସନୀୟ । ଏହି ସହଯୋଗ ପାରସ୍ପରିକ ଭାବେ ଲାଭଦାୟକ ହେବ ଏବଂ ସହଭାଗିତା କାର୍ଯ୍ୟକ୍ରମକୁ ସୁଗମ କରିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ଭାସ୍ୱତୀ ପଟ୍ଟନାୟକ, ମେଡିକାଲ ଅଧୀକ୍ଷକ ପ୍ରଫେସର ସୁଜାତା ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

ସିଡିଏ ମିଶ୍ରଣକୁ ବିରୋଧ କରି ଏକାଠି ହେଲେ ଆଠଗଡ଼ ବାସୀ

ଆଠଗଡ଼ : ଏକ୍ସପ୍ରେସ୍ ନ୍ୟୁଜ୍

ଶୁକ୍ରବାର କଟକ ସହରର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଆଠଗଡର ୫୭ଟି ରାଜସ୍ୱ ଗ୍ରାମକୁ ସିଡିଏରେ ବିନା ଜନଶୁଣାଣିରେ ମିଶ୍ରଣକୁ ସାରା ଆଠଗଡ ବାସୀଙ୍କ ବିରୋଧ, ଆଜି ଆଠଗଡ଼ର ଆରାଧ୍ୟ ଦେବୀ ମା' ଉତ୍ତରାଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ବିଜେପି ନେତା ଅଭୟ ବାରିକଙ୍କ ଆହ୍ୱାନକ୍ରମେ ଅପରାହ୍ନରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ୫୭ଟି ଗ୍ରାମର ଶତାଧିକ ଜନସାଧାରଣଙ୍କ ସମେତ, ବିଭିନ୍ନ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ । ସିଡିଏରେ ୫୭ଟି ଗାଁ ମିଶ୍ରଣ ହେବା ଦ୍ୱାରା ଏହାର କ'ଣ ଅପକାରିତା ହେବ ସେ ବିଷୟରେ ଉପସ୍ଥିତ ଜନସାଧାରଣ ନିଜ ନିଜର ମତାମତ ଦେଇଥିଲେ । ଆଜିର ଦିନରେ ଏକ ୩୨ ଜଣିଆ କମିଟି ଗଠନ କରାଯାଇଛି । ଆସନ୍ତା ସୋମବାର ଦିନ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଯଦି ସରକାର ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଆଠଗଡ଼ ବନ୍ଦ ଡାକରା ଦିଆଯିବ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

ଦିନ ଦ୍ୱିପ୍ରହରରେ ବନ୍ଧୁକ ଦେଖାଇ ଲୁଟି ନେଲେ ଲକ୍ଷାଧିକ ଟଙ୍କା

ବୈଶିଙ୍ଗା : ଏକ୍ସପ୍ରେସ୍ ନ୍ୟୁଜ୍

ବୈଶିଙ୍ଗା ଥାନା ଅଧୀନ ଟିକାୟତପୁର– ମଧୁପୁରା ରାସ୍ତା ଉପରେ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଦିନ ଦ୍ୱିପ୍ରହରରେ ବନ୍ଧୁକ ଦେଖାଇ ଲୁଟି ନେଲେ ଲକ୍ଷାଧିକ ଟଙ୍କା ।

ଘଟଣାରୁ ପ୍ରକାଶ ବୈଶିଙ୍ଗା ସ୍ଥିତ ଭାରତ ଫାଇନାନ୍ସ ଶାଖା କାର୍ଯ୍ୟାଳୟର କର୍ମଚାରୀ ତଥା ସଂଘ ପରିଚାଳକ ଭକ୍ତହରି ବେହେରା ଓ ଟ୍ରେନିଂ ଫିଲ୍ଡ ଅଫିସର ବସନ୍ତ ପଣ୍ଡା ଦୁଇ ଜଣ ଋଣୀଙ୍କ ଠାରୁ ସଂଗୃହୀତ ରାଶି ୧,୯୦,୦୦୦ଟଙ୍କା ଭର୍ତ୍ତି ବ୍ୟାଗ ଧରି ମଧୁ ପୁରା ଗ୍ରାମ ରୁ ନିଜ ପ୍ୟାସନ ପ୍ରୋ ବାଇକ (ଓଡି–୦୧ ଏକ୍ସ–୯୩୧୨) ଯୋଗେ ବୈଶିଙ୍ଗା ଶାଖାକୁ ଆସୁଥିଲେଛ ଦିବା ୧ଘଣ୍ଟା ୩୦ ମି. ସମୟରେ ନମ୍ବର ପ୍ଲେଟ୍ ନଥିବା ନଥିବା ଏକ କଳା ରଙ୍ଗର ଆପାଚୀ ବାଇକ ଯୋଗେ ତିନିଜଣ ମୁଖା ଧାରୀ ଯୁବକ ତାଙ୍କୁ ପିଛା କରି ଟିକାୟତପୁର ନିକଟସ୍ଥ ଏକ ଫାଙ୍କା ସ୍ଥାନରେ ଫାଇନାନ୍ସ କର୍ମଚାରୀଙ୍କୁ ଅଟକାଇବା ସହ ପଛରେ ବସିଥିବା ବ୍ୟକ୍ତିକୁ ଧକ୍କା ମାରି ତଳେ ପକାଇ ଦେଇଥିଲେଛ ଟଙ୍କା ବ୍ୟାଗ ଧରି ବସନ୍ତ ପଣ୍ଡା ବିଲ ମଧ୍ୟକୁ ଦୌଡି ପଳାଉଥିବା ସମୟରେ ଛିନତାଇ ଯୁବକମାନେ ଗୋଡ଼େଇ ଗୋଡେଇ ମାଡି ବସିବା ସହିତ ବ୍ୟାଗଟିକୁ ଛଡାଇ ଆଣିଥିଲେ । ସଙ୍ଗେ ସଙ୍ଗେ ସେହି ଆପାଚୀ ଯୋଗେ ଉକ୍ତ ତିନିଜଣ ଛିନତାଇ ଯୁବକ ହଳଦୀପଦା ରାସ୍ତା ଦେଇ ଫେରାର ହୋଇଯାଇଥିଲେ । ଭାରତ ଫାଇନାନ୍ସର ଅନ୍ୟ ଜଣେ କର୍ମଚାରୀ ବିକାଶ ଚନ୍ଦ୍ର ବାରିକ ପଛେ ପଛେ ଆସୁଥିଲେ, ମାତ୍ର ସେ ଆସି ପହଞ୍ଚିବା ବେଳକୁ ଏହି ଘଟଣା ଘଟି ସାରିଥିଲା । ଏହା ପରେ ଫାଇନାନ୍ସ କର୍ମଚାରୀମାନେ ବୈଶିଙ୍ଗା ପୁଲିସକୁ ଜଣାଇବା ପରେ ଏସଆଇ ସୁମନ୍ତ ସେଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ । ଏ ଘଟଣାକୁ ନେଇ ଭକ୍ତହରି ବେହେରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ୨୧୦/୨୩ରେ ଏକ ମାମଲା ରୁଜୁ କରିବା ସହ ନିଜେ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଘଟଣାର ତଦନ୍ତ ଜାରି ରଖିଛନ୍ତିଛ ବାରମ୍ବାର ଫାଇନାନ୍ସ କର୍ମଚାରୀଙ୍କୁ ଟାର୍ଗେଟ କରି ଛିନତାଇ ଯୁବକମାନେ ଲୁଟ କରିବାକୁ ସଫଳ ହେଉଥିବା ବେଳେ ତାଙ୍କର ନିଜସ୍ୱ ସୁରକ୍ଷା ନଥିବାର ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଫରେଷ୍ଟ ଗାର୍ଡ଼ଙ୍କୁ ହତ୍ୟା ଘଟଣା
୩ ଶିକାରୀ ଗିରଫ
୪ ଦେଶି ବନ୍ଧୁକ ଜବତ

ବାରିପଦା : ଏକ୍ସପ୍ରେସ୍ ନ୍ୟୁଜ୍

ଶିମିଳିପାଳ ଅଭୟାରଣ୍ୟରେ ଫରେଷ୍ଟ ଗାର୍ଡ଼ଙ୍କୁ ହତ୍ୟା ଘଟଣାରେ ତିନି ଜଣ ଶିକାରୀଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ୪ଟି ଦେଶି ବନ୍ଧୁକ ଜବତ ହୋଇଛି । ଗିରଫ ସମସ୍ତେ ବଡ଼ଗାଁ ପଞ୍ଚାୟତର । ସେମାନଙ୍କ ମଧ୍ୟରେ ଜଣେ ପୂର୍ବତନ ସରପଞ୍ଚ ଥିବା ସୂଚନା ମିଳିଛି । ହତ୍ୟା ଘଟଣାରେ ମୋଟ୍ ୧୩ ଜଣଙ୍କୁ ଚିହ୍ନଟ କରିଛି ବନ ବିଭାଗ ।

ଗଞ୍ଜେଇ ଚୋରା ଚାଲାଣ ମାମଲା
ତେଲଙ୍ଗାନାର କନେଷ୍ଟବଳଙ୍କ ସମେତ ୭ ଗିରଫ

ମାଲକାନଗିରି : ଏକ୍ସପ୍ରେସ୍ ନ୍ୟୁଜ୍

ଏକ ଗଂଜେଇ ଚୋଲା ଚାଲାଣ ମାମଲାରେ କାଲିମେଳା ପୁଲିସ ତେଲେଙ୍ଗାନାର ଜଣେ ପୁଲିସ କନେଷ୍ଟବଳଙ୍କ ସମେତ ୭ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିବାର ଜଣାପଡ଼ିଛି। ଗିରଫ କନେଷ୍ଟବଳଙ୍କ ନାମ ହେଲା ଆର. ଶ୍ରୀନୁ ନାୟକ। ସଂପୃକ୍ତ କନେଷ୍ଟବଳଙ୍କର ଘର ତେଲେଙ୍ଗାନା ରାଜ୍ୟର ରଗାଂରେଡ଼ି ଜିଲ୍ଲା ଅନ୍ତର୍ଗତ ଲାଲବାହାଦୁର ନଗରରେ। କନେଷ୍ଟବଳଙ୍କ ନାମରେ ପୂର୍ବରୁ ମଧ୍ୟ ୨ଟି ମାମଲା ଥିବାର ସୂଚନା ମିଳିଛି ।

ସୂଚନା ଅନୁସାରେ, କାଲିମେଳା ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକଙ୍କ ନେତୃତ୍ୱରେ ବୁଧବାର ରାତିରେ ପାଟ୍ରୋଲିଂ ଚାଲିଥିବା ବେଳେ ପୁଲିସ କମଳାପଦର ଘାଟିରୁ ସନ୍ଦେହରେ ୨ଟି କାରକୁ ଜବତ କରିଥିଲା। ୨ଟି ଯାକ କାରକୁ ସର୍ଚ୍ଚ କରିବାରୁ ଡ଼ିକିରେ ୧୦୩ କିଲୋ ଗଂଜେଇ ଠାବ ହୋଇଥିଲା। ଗୋଟିଏ କାରରେ ୩ ଜଣ ବସିଥିବା ବେଳେ ଅନ୍ୟ ଗାଡ଼ିରେ ୪ ଜଣ ବସିଥିଲେ। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରାଯିବାରୁ ସେମାନଙ୍କ ମଧ୍ୟରୁ ଜଣେ ତେଲଙ୍ଗାନା ପୁଲିସ ବିଭାଗର କନେଷ୍ଟବଳ ବୋଲି ଜଣପଡ଼ିଥିଲା। ଏଥିରେ ସଂପୃକ୍ତ ୭ଜଣଙ୍କୁ ଗିରଫ କରି ଗତକାଲି କୋର୍ଟଚାଲାଣ କରିଛି। ୭ ଜଣ ଗିରଫ ଅଭିଯୁକ୍ତ ହେଲେ ତେଲେଙ୍ଗାନାର ରଙ୍ଗାରେଡ଼ି ଜିଲ୍ଲା ଅନ୍ତର୍ଗତ ଲାଲବାହାଦୁର ନଗରର ଆର ଶ୍ରୀନୁ ନାୟକ (ତେଲଙ୍ଗାନା ପୁଲିସ କନେଷ୍ଟବଳ– ୮୧୫୫ଏଆର), ରଂଗାରେଡ଼ି ଜିଲ୍ଲା ଅନ୍ତର୍ଗତ ମିରପେଟ ଅଞ୍ଚଳର କେ. ବିଜୟ ନାୟକ, ମହାରାଷ୍ଟ୍ରର ଉସମାନବାଦ ଅଞ୍ଚଳର ବାଲୁ ଯାଦବ, କାଲିମେଳା ଦୁଲାଗାଣ୍ଡି ଗ୍ରାମର କେ.ଲକ୍ଷଣ, ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଅଞ୍ଚଳର ଆର. କାର୍ତ୍ତିକ, ଆର. ରାଜୀବ ଓ ଏନ୍. ବେଣୁଗୋପାଳ।

ସ୍କୁଲରୁ ସର୍ବସ୍ୱ ଲୁଟିନେଲେ ଦୁର୍ବୃତ୍ତ

ହିନ୍ଦୋଳ : ଏକ୍ସପ୍ରେସ୍ ନ୍ୟୁଜ୍

ହିନ୍ଦୋଳ ବ୍ଲକ ଓ ଶିକ୍ଷା ଜିଲ୍ଲାର ମାଧପୁର ପଞ୍ଚାୟତ ଅନ୍ତର୍ଗତ ଭାନୁପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ କେହି ଦୁର୍ବୃତ୍ତ ସର୍ବସ୍ୱ ଲୁଟି ନେଇଥିବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ ମିଶ୍ର ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଘଟଣାରୁ ପ୍ରକାଶ ଯେ ଗତ ସୋମବାର ବିଳମ୍ବିତ ରାତ୍ରିରେ ସ୍କୁଲର ସମସ୍ତ ସରଞ୍ଜାମ ଚୁରି ହୋଇଥିବା ନେଇ ଗ୍ରାମର ଜନୈକ ବ୍ୟକ୍ତି ମଙ୍ଗଳବାର ସକାଳେ ପ୍ରଧାନ ଶିକ୍ଷକଙ୍କୁ ଫୋନ ଯୋଗେ ଜଣାଇ ଥିଲେ । ଖବର ପାଇବା ପରେ ପ୍ରଧାନ ଶିକ୍ଷକ ଶ୍ରୀ ମିଶ୍ରଙ୍କ ସମେତ ବିଦ୍ୟାଳୟର ଅନ୍ୟ ଜଣେ ସହକାରୀ ଶିକ୍ଷକ ଓ ପରିଚାଳନା କମିଟିର କେତେକ ସଦସ୍ୟ ସ୍କୁଲକୁ ଯାଇ ରୋଷେଇ ଘର, କାର୍ଯ୍ୟାଳୟ ଗୃହ, ଶ୍ରେଣୀ ଗୃହ ଗୁଡିକର ତାଲା ଭଙ୍ଗା ଯାଇଥିବାର ଦେଖି ଥିଲେ ଏଥି ସହ ସ୍କୁଲର କେତେକ ସରଞ୍ଜାମ ୨ଟି ବାଲଟି, ୧ ଟି ଗାଙ୍ଗୁଲା, ୧ଟି ପାଣି ଫିଲଟର, ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟବହୃତ ୧ଟି କୋଭିଡ଼ି ପରିକ୍ଷଣ ଯନ୍ତ୍ର ଏବଂ ୧୫୬ କେଜି ୪୦୦ ଗ୍ରାମ ଚାଉଳ ଚୁରି ହୋଇ ଯାଇଥିବାର ଦେଖିବାକୁ ପାଇ ଥିଲେ । ଘଟଣା ସମ୍ପର୍କରେ ମଙ୍ଗଳବାର ପ୍ରଧାନ ଶିକ୍ଷକ ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ । ପୋଲିସ ଘଟଣାର ପ୍ରାଥମିକ ତଦନ୍ତ କରିବା ପରେ ଥାନାରେ ଏନେଇ ଏକ ମାମଲା ନଂ ୧୨୩ ରୁଜୁ କରି ଚୁରି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ତନାଘନା ଉଦ୍ୟମ ଜାରି ରଖିଛି ।

ନାଗପୁରରେ ଓଡ଼ିଆ ଶ୍ରମିକ ମୃତ

ପାଟ୍ରପୁର : ଏକ୍ସପ୍ରେସ୍ ନ୍ୟୁଜ୍

ଗଞ୍ଜାମ ଜିଲ୍ଲା ପାଟ୍ରପୁର ବ୍ଲକ ଖମ୍ବାରିଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖଣ୍ଡ ଦେଉଳି ଗ୍ରାମରୁ ନାଗପୁର କାମ କରିବାକୁ ଯାଇଥିବା ଜଣେ ଯୁବ ଶ୍ରମିକଙ୍କ ଗତ ଗୁରୁବାର ମୃତ୍ୟୁ ଘଟିଛି । ଶ୍ରମିକ ଜଣକ ହେଉଛନ୍ତି ଖମ୍ବାରିଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡ ଦେଉଳି ଗ୍ରାମର ନାରଦା ନିଳାଦ୍ରିଙ୍କ ପୁଅ ନାରାଦା ନିରଞ୍ଜନ(୩୩) ବୋଲି ଜଣାପଡିଛି । ନିରଞ୍ଜନ ଗ୍ରାମର କିଛି ସାଙ୍ଗଙ୍କ ସହିତ ଦଶଦିନ ତଳେ କାମ କରିବାକୁ ନାଗପୁର ଯାଇ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ । ଗତ ପାଞ୍ଚ ଦିନ ତଳେ କମ୍ପାନୀରେ କାମ କରୁଥିବା ସମୟରେ ଦୁର୍ଘଟଣା ଘଟି ତାଙ୍କର ଡାହାଣ ହାତର ତିନୋଟି ଆଙ୍ଗୁଠି କଟି ଯାଇଥିଲା । ହଠାତ ତାଙ୍କୁ ପାଖରେ ଥିବା ଡାକ୍ତରଖାନାକୁ ନିଆ ଯାଇଥିଲା । ସେଠାରେ ତାଙ୍କର ଚିକିତ୍ସା କରାଯାଏ ଥିବାବେଳେ ତାଙ୍କରି ମୃତ୍ୟୁ ହୋଇଥିଲା । ଗତ ଶୁକ୍ରବାର ସନ୍ଧ୍ୟାରେ କମ୍ପାନୀ ପକ୍ଷରୁ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଖଣ୍ଡ ଦେଉଳି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସେ ଜଣେ ଗରିବ ବ୍ୟକ୍ତି ହୋଇ ଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି । ଅନ୍ୟପକ୍ଷରେ ନିରଞ୍ଜନଙ୍କ ମୃତ୍ୟୁର ସଠିକ୍ କାରଣ ଜଣା ପଡ଼ିନାହିଁ ।

ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ

କଣାସ : ଏକ୍ସପ୍ରେସ୍ ନ୍ୟୁଜ୍

୧୫ଦିନ ହେଲା ଅସହୟ ରୌଦ୍ରତାପ ଗୁଳୁ ଯୋଗୁଁ କଣାସ ବ୍ଲକର ଜନସାଧାରଣ ଅସହଯନ୍ତ୍ରଣା ଭୋଗ କରୁଥିବା ବେଳେ ଘନଘନ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ଜନସାଧରଣରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ରାଜ୍ୟ ସରକାର ବିଦ୍ୟୁତ୍ କାଟ ନକରିବାପାଇଁ ବିଭିନ୍ନ ପତ୍ରପତ୍ରିକାରେ ସମ୍ବାଦ ପରିବେଷଣ କରୁଥିବା ବେଳେ କଣାସ ଅଞ୍ଚଳରେ ବିଦ୍ୟୁତ୍ ବିଭାଗର ସୁରକ୍ଷା ଉପରେ କେହି ଗୁରୁତ୍ୱ ଦେଉନଥିବା ଜଣାପଡିଛି । ଟାଣଖରା ସମୟରେ ଘନଘନ ବିଦ୍ୟୁତ୍ କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ସାମ୍ପାନ୍ୟ ଟିକିଏ ବର୍ଷା କିମ୍ବା ପବନ ହୋଇ ଗଛର ପତ୍ର ହିଲିଲେ କଣାସ ଅଞ୍ଚଳକୁ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଏ । ବିଭାଗୀ ଉଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ କଣାସ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନେ ଦାବି କରିଛନ୍ତି ।

୨୦୨୪ ନିର୍ବାଚନ ପାଇଁ ପ୍ରତାପଙ୍କ ନବକଳେବର

ମାହାଙ୍ଗା : ଏକ୍ସପ୍ରେସ୍ ନ୍ୟୁଜ୍

ଆସନ୍ତା